## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ପୁରୀ

**(ସଂସ୍କୃତି ବିଭାଗ)**

**ସଂଖ୍ୟା: ୬୭୭ /ସଂସ୍କୃତି,ତା: ୧୮ .୦୯.୨୦୨୫**

### କୋଟେସନ (Quotation)

ଏତଦ୍ ଦ୍ୱାରା ଇଚ୍ଛୁକ ଫଳବିକ୍ରେତା/ସଂସ୍ଥାମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୀସ୍ଥିତ ନିମ୍ନ ଲିଖିତ ଚାରିଗୋଟି ହବିଷ୍ୟାଳି ଆଶ୍ରୟସ୍ଥଳୀ ଠାରେ ପ୍ରାୟ ୨୫୦୦-୩୦୦୦ ଜଣ ହବିଷ୍ୟାଳି ମାନଙ୍କ ନିମନ୍ତେ ଚଳିତ କାର୍ତ୍ତିକ ମାସର ଦୁଇଗୋଟି ଏକାଦଶୀ, ତିଥିରେ ସତେଜ/ତଟକା ଫଳ ଯୋଗାଇବାକୁ ଇଚ୍ଛୁକ ଫଳ ଯୋଗାଣକାରୀଙ୍କ ଠାରୁ କୋଟେସନ(Quotation) ଆହ୍ୱାନ କରାଯାଉଅଛି । ଫଳଗୁଡିକ କାଗଜ ପ୍ୟାକେଟରେ ପ୍ୟାକିଙ୍ଗ ହୋଇ ନିମ୍ନଲିଖିତ ହବିଷ୍ୟାଳି ଆଶ୍ରୟ ସ୍ଥଳରେ ବଣ୍ଟନ କରାଯିବ । **ପ୍ରତି ପ୍ୟାକେଟରେ ଅନ୍ୟୁନ ପାଚିଲା କଦଳୀ-୩ ଗୋଟି, ପିଜୁଳି ନାସପାତି-୨ ଗୋଟି ଓ ସେଓ-୨ ଗୋଟି(ହାରାହାରି ୭୫୦ ଗ୍ରାମ)** ରହିବ ଓ ସମ୍ପୃକ୍ତ ଯୋଗାଣକାରୀ ଉପରୋକ୍ତ ଦିନ ଦିବା **ଘ୧୨.୦୦ ଟିକା** ସୁଦ୍ଧା ହବିଷ୍ୟାଳି କେନ୍ଦ୍ରଗୁଡିକରେ ସତେଜ/ତଟକା ଫଳ ପ୍ୟାକେଟ ଯୋଗାଇଦେବେ ।

ଇଚ୍ଛୁକ ବ୍ୟକ୍ତି ନିଜ ସଂସ୍ଥାର ପ୍ୟାଡରେ ଉପରୋକ୍ତ ଫଳ ପ୍ୟାକେଟର ଦର (ସମସ୍ତ ଶୁଳ୍କ ସହ) ଉଲ୍ଲେଖ କରି ଜଉମୁଦ ଦିଆ ଲଫାପା ଯୋଗେ ବ୍ୟକ୍ତିଗତ ଭାବେ କିମ୍ବା ଡାକ/କୋରିଅର ସେବା ଦ୍ୱାରା ଜିଲ୍ଲା ନିଜାରତ କାର୍ଯ୍ୟାଳୟରେ ସ୍ଥାପିତ ଟେଣ୍ଡର ବାକ୍ସରେ ତା-**୧୯.୧୦.୨୦୨୫** ରିଖ ପୂର୍ବାହ୍ନ ୧୦.୦୦ ଠାରୁ ତା- **୨୫.୧୦.୨୦୨୫** ରିଖ **ଅପରାହ୍ନ ଘ ୦୩.୦୦ଟିକା** ସୁଦ୍ଧା ପ୍ରଦାନ କରିବେ । ଦରଖାସ୍ତ ସହିତ BANK DRAFT (ଜିଲ୍ଲା ନିଜାରତ ଅଧିକାରୀ, ପୁରୀ) କିମ୍ବା ନଗଦ ଆକାରରେ **ଟ.୫୦୦/-ଙ୍କା** କୋଟେସନ ଦେୟ(Quotation Charge ଏହା ଫେରସ୍ତ ନୁହେ) ବାବଦକୁ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ କାର୍ଯ୍ୟାଳୟରେ ଜମା ଦେଇ କୋଟେସନ (Quotation) ପେପର ସହ ସଂମ୍ପୃକ୍ତ ବ୍ୟବସାୟୀ/ସଂସ୍ଥାର GST ପଞ୍ଜୀକରଣ ସାର୍ଟିଫିକେଟ, PAN କାର୍ଡ ଆଦିର ନକଲ Self Attested କରି ଦାଖଲ କରିବେ । ଏହା ସହିତ ସଂମ୍ପୃକ୍ତ ବ୍ୟବସାୟୀ/ସଂସ୍ଥା ସରକାରଙ୍କ ଦ୍ୱାରା କଳା ତାଲିକାଭୁକ୍ତ ହୋଇ ନାହାନ୍ତି ବୋଲି ଏକ ଘୋଷଣାନାମା ଦେବେ ।

ଧାର୍ଯ୍ୟ ସମୟ ସୁଦ୍ଧାମିଳିଥିବା କୋଟେସନଗୁଡିକ ତା.୨୫.୦୯.୨୦୨୫ ରିଖ ଅପରାହ୍ନ ଘ ୦୩.୩୦ ଟିକା ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟଠାରେ ସମ୍ପୃକ୍ତ କୋଟେସନ ଦାତା କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ସର୍ବନିମ୍ନ ମୂଲ୍ୟ ଗ୍ରହଣ କରିବା ପାଇଁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । ଚୟନ ହୋଇଥିବା ବ୍ୟବସାୟୀ security deposit ବାବଦରେ **ଟ.୭୦,୦୦୦/-(ସତୁରୀ ହଜାର ଟଙ୍କା)** ଅମାନତ ରଖାଯିବ ଏବଂ ଉକ୍ତ ରାଶି ସନ୍ତୋଷଜନକ ଯୋଗାଣ ତଥା ହବିଷ୍ୟାଳି ବ୍ରତ ଶେଷ ପରେ ଫେରସ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ, କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ କୋଟେସନ ରଦ୍ଧ କରିପାରିବେ । (କୋଟେସନ)quotation ଉପରେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ ।

ହବିଷ୍ୟାଳି ଙ୍କ ଆଶ୍ରୟସ୍ଥଳୀ

୧. ବୃନ୍ଦାବତୀ ନିବାସ, ନରେନ୍ଦ୍ର କୋଣ, ପୁରୀ

୨. ବଗଲା ଧର୍ମଶାଳା, ବଡଦାଣ୍ଡ, ପୁରୀ

୩. ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ପୁରୀ

୪. ମୋଟିସାହି କଲ୍ୟାଣ ମଣ୍ଡପ, ମୋଟିସାହି, ପୁରୀ

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ) ପୁରୀ**

ଜ୍ଞାପକ ସଂଖ୍ୟା: ୮୪୬ /ସଂସ୍କୃତି, ତାରିଖ. ୧୮.୦୪.୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୪୭ /ସଂସ୍କୃତି, ତାରିଖ. ୧୮.୦୪.୨୦୨୫

ଏହାର ଏକକିତା ନକଲ ଜିଲ୍ଲା ନିଜାରତ ଅଧିକାରୀ, ପୁରୀଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ଜଣାଇ ଦିଆଗଲା।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୪୮/ସଂସ୍କୃତି, ତାରିଖ. ୧୮.୦୪.୨୦୨୫

ଏହାର ବହୁଳ ପ୍ରସାର ନିମନ୍ତେ ଏକକିତା ନକଲ, ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ / ଆରକ୍ଷୀ ଅଧୀକ୍ଷକ, ପୁରୀ/ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ/ତହସିଲଦାର, ପୁରୀ/ ମଣ୍ଡଳ ଉନ୍ନୟନ ଅଧିକାରୀ, ପୁରୀ/ଜିଲ୍ଲା ସୂଚନା & ଲୋକ ସମ୍ପର୍କ ଅଧିକାରୀ, ପୁରୀଙ୍କ ନୋଟିସ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**

ଜ୍ଞାପକ ସଂଖ୍ୟା: ୮୫୦ /ସଂସ୍କୃତି, ତାରିଖ. ୧୮.୦୪.୨୦୨୫

ଏହାର ଏକକିତା ନକଲ DeGM,ପୁରୀଙ୍କ ଅବଗତି ଓ ୱେବସାଇଟରେ ପରିବେଷଣ କରାଯିବ ପାଇଁ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ),ପୁରୀ**